# NATIONAL NEWS BULLETIN (ODIA)
## 15 March - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍, ପୁଡୁଚେରୀ, ତାମିଲନାଡୁ, ପଶ୍ଚିମବଙ୍ଗ ପାଇଁ ନିର୍ବାଚନ ତାରିଖ ଘୋଷଣା କଲେ ଭାରତୀୟ ନିର୍ବାଚନ ଆୟୋଗ ।

– ଆଜିଠାରୁ ଲାଗୁ ହେଲା ନିର୍ବାଚନ ଆଚରଣବିଧି ।

- ପଦ୍ମ ପୁରସ୍କାର ୨୦୨୭ ଲାଗି ମନୋନୟନପତ୍ର ଏବଂ ସୁପାରିଶ ଆହ୍ୱାନ କଲେ କେନ୍ଦ୍ର ସରକାର ।

- ଗଙ୍ଗାନଦୀ କୂଳରେ ଅବୈଧ ନିର୍ମାଣ, ଜବରଦଖଲ ଉଚ୍ଛେଦ ସଂକ୍ରାନ୍ତ ବିସ୍ତୃତ ରିପୋର୍ଟ ପ୍ରଦାନ ପାଇଁ ସରକାରଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ।

ଏବଂ

- ଜାମ୍ମୁ କାଶ୍ମୀରର ବାରମୁଲାରେ ଭାରତୀୟ ସେନା ଏବଂ ପୁଲିସ୍‌ର ମିଳିତ ଅପରେସନ୍‌ରେ ଜଣେ ପାକିସ୍ତାନୀ ସନ୍ତ୍ରାସବାଦୀ ନିହତ ।

# ଇସି-ଆସେମ୍ବ୍ଲି ଇଲେକ୍ସନ୍

ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ଆଜି ଆସାମ, କେରଳମ୍, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ପାଇଁ ନିର୍ବାଚନ ତାରିଖ ଘୋଷଣା କରାଯାଇଛି । ଆସାମ, କେରଳ, ପୁଡୁଚେରୀ ଏବଂ ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବେଳେ ପଶ୍ଚିମବଙ୍ଗ ପାଇଁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ କରାଯିବା ଲାଗି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଘୋଷଣା କରିଛନ୍ତି । ନୂଆଦିଲ୍ଲୀ ଠାରେ ନିର୍ବାଚନ କାର୍ଯ୍ୟସୂଚୀ ସମ୍ପର୍କରେ ଘୋଷଣା କରି ସେ କହିଛନ୍ତି, ଆସାମ, କେରଳମ୍ ଏବଂ ପୁଡୁଚେରୀରେ ଏପ୍ରିଲ୍ ୯ ତାରିଖରେ ମତଦାନ ହେବ । ଅନ୍ୟ ପକ୍ଷରେ ତାମିଲନାଡୁରେ ଏପ୍ରିଲ୍ ୨୩ ତାରିଖରେ ଭୋଟ ଗ୍ରହଣ କରାଯିବ ।

ପଶ୍ଚିମବଙ୍ଗରେ ମତଦାନ ପ୍ରକ୍ରିୟା ଏପ୍ରିଲ୍ ୨୩ ଓ ୨୯ ତାରିଖ ଦୁଇଟି ପର୍ଯ୍ୟାୟରେ କରାଯିବ । ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗର ୧୫୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୪୨ଟି ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ । ମେ ମାସ ୪ ତାରିଖରେ ସମସ୍ତ ୪ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟ ଗଣନା କରାଯିବ । ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ କୁମାର କହିଛନ୍ତି,

ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆଜିଠାରୁ ସେହି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଛି ।

ଶ୍ରୀ କୁମାର କହିଛନ୍ତି, ୫ଟି ବିଧାନସଭା ଆସନ ଅନ୍ତର୍ଗତ ୮୨୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭ କୋଟିରୁ ଊର୍ଦ୍ଧ୍ୱ ଯୋଗ୍ୟ ଭୋଟର ମତଦାନ ସାବ୍ୟସ୍ତ କରିବେ । ସେଥିମଧ୍ୟରୁ ପଶ୍ଚିମବଙ୍ଗରେ ୬ କୋଟିରୁ ଊର୍ଦ୍ଧ୍ୱ, ତାମିଲନାଡୁରେ ୫ କୋଟିରୁ ଊର୍ଦ୍ଧ୍ୱ, କେରଳମ୍‌ରେ ପ୍ରାୟ ୩ କୋଟି, ଆସାମରେ ୨ କୋଟିରୁ ଊର୍ଦ୍ଧ୍ୱ ଏବଂ ପୁଡୁଚେରୀରେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ଭୋଟଦାନ କରିବେ ବୋଲି ସେ କହିଛନ୍ତି ।

ନିର୍ବାଚନ ହେବାକୁ ଥିବା ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ଗ୍ରହଣ କେନ୍ଦ୍ର କରାଯିବ ଏବଂ ପ୍ରାୟ ୨୫ ଲକ୍ଷ ନିର୍ବାଚନ ଅଧିକାରୀଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯିବ । ମୁଖ୍ୟ ନିର୍ବାଚନ ଆୟୋଗ କହିଛନ୍ତି, ପ୍ରତିଟି ଭୋଟ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ପାନୀୟ ଜଳ, ଶୌଚାଳୟ ଆଦି ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଶ୍ରୀ କୁମାର କହିଛନ୍ତି, ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବା ଲାଗି ଆୟୋଗ ପକ୍ଷରୁ ନିକଟରେ ୩୦ଟି ନୂତନ ପଦକ୍ଷେପ ଆରମ୍ଭ କରାଯାଇଛି । ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ୨୪ ଘଣ୍ଟିଆ ମନଟରିଂ ବ୍ୟବସ୍ଥା ସୁନିଶ୍ଚିତ କରିବା ଲାଗି ଶତପ୍ରତିଶତ ୱେବ୍‌କାଷ୍ଟିଂର ବ୍ୟବସ୍ଥା କରାଯିବ ।

ପଶ୍ଚିମବଙ୍ଗ ବିଧାନସଭାରେ ମେ ମାସ ୭ ତାରିଖରେ ୨୯୪ ବିଧାୟକଙ୍କ କାର୍ଯ୍ୟକାଳ ସମାପ୍ତ ହେଉଥିବା ବେଳେ ଆସାମରେ ମେ ମାସ ୨୦ ତାରିଖରେ ୧୨୬ ବିଧାୟକ ଏବଂ କେରଳମ୍‌ରେ ମେ ମାସ ୨୩ ତାରିଖରେ ୧୪୦ ବିଧାନସଭା ସଦସ୍ୟଙ୍କ କାର୍ଯ୍ୟକାଳ ସମାପ୍ତ ହେଉଛି । ସେହିପରି ତାମିଲନାଡୁରେ ମେ ମାସ ୧୦ ତାରିଖରେ ୨୩୪ ସଦସ୍ୟ, ପୁଡୁଚେରୀରେ ଜୁନ୍ ୧୫ ତାରିଖରେ ୩୦ ସଦସ୍ୟଙ୍କର କାର୍ଯ୍ୟକାଳ ଶେଷ ହେଉଛି ।

## ପିଏମ୍-ଲେଟର-ବିର୍ଲା

ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ସଂସଦର ମୌଳିକ ଧାରା ପ୍ରତି ଗଭୀର ଆସ୍ଥା ରହିଛି ଏବଂ ଦେଶର ସଂସଦୀୟ ଗଣତନ୍ତ୍ରର ନିୟମଧାରା ଏବଂ ପରମ୍ପରା ପ୍ରତି ତାଙ୍କର ଅତୁଟ ବିଶ୍ୱାସ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଦେଇଥିବା ଏକ ପତ୍ରର ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ବିର୍ଲା କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କର ଏହି ପତ୍ର ଜନସେବାର ସର୍ବୋଚ୍ଚ ନୈତିକ ମୂଲ୍ୟବୋଧକୁ ଦର୍ଶାଉଛି । ଏହା ସଂସଦ, ରାଜ୍ୟ ବିଧାନସଭା ପରିଷଦ, ସ୍ୱାୟତ ସଂସ୍ଥାଗୁଡ଼ିକର ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ପ୍ରୋତ୍ସାହିତ କରିବ ଏବଂ ଭାରତୀୟ ଗଣତନ୍ତ୍ରର ନୈତିକ ମୂଲ୍ୟବୋଧ ସୁଦୃଢ଼ କରିବାରେ ସହାୟକ

ହେବ । ପ୍ରଧାନମନ୍ତ୍ରୀ ତାଙ୍କ ପତ୍ରରେ ଲୋକସଭା ବାଚସ୍ପତିଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବକୁ ସାଂସଦମାନେ ବିରୋଧ କରିଥିବାର ସେ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## ପଦ୍ମଆୱାର୍ଡ-ନୋମିନେସନ

କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦ୍ମ ପୁରସ୍କାର ୨୦୨୭ ପାଇଁ ମନୋନୟନପତ୍ର ଏବଂ ସୁପାରିଶ ଆହ୍ୱାନ କରାଯାଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଆସନ୍ତା ବର୍ଷ ଗଣତନ୍ତ୍ର ଦିବସ ଅବସରରେ ପଦ୍ମପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ । ପଦ୍ମ ପୁରସ୍କାର ଲାଗି ମନୋନୟନପତ୍ର ଆହ୍ୱାନର ଶେଷ ତାରିଖ ଜୁଲାଇ ୩୧ ତାରିଖକୁ ଧାର୍ଯ୍ୟ କରାଯାଇଛି ।

ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ ମାଧ୍ୟମରେ କେବଳ ଅନ୍‌ଲାଇନ୍ ଜରିଆରେ ପଦ୍ମ ପୁରସ୍କାର ଲାଗି ମନୋନୟନ ଏବଂ ସୁପାରିଶ ଗ୍ରହଣ କରାଯିବ । ଏହି ପୁରସ୍କାର ଲାଗି ଜାତି, ବୃତ୍ତି, ଲିଙ୍ଗର କୌଣସି ପାର୍ଥକ୍ୟ ରଖାଯିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଡାକ୍ତର ଏବଂ ବୈଜ୍ଞାନିକଙ୍କ ବ୍ୟତୀତ ରାଷ୍ଟ୍ର ଉଦ୍ୟୋଗରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସମେତ ସରକାରୀ କର୍ମଚାରୀମାନେ ପଦ୍ମ ପୁରସ୍କାର ଲାଗି ଯୋଗ୍ୟ ହୋଇପାରିବେ ନାହିଁ । ପଦ୍ମ ପୁରସ୍କାର ଅନ୍ତର୍ଗତ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ହେଉଛି ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ।

୧୯୫୪ ମସିହାରେ ସ୍ଥାପିତ ଏହି ପୁରସ୍କାର’ କଳା, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ଔଷଧ, ସାମାଜିକ କାର୍ଯ୍ୟ, ବିଜ୍ଞାନ, ଇଞ୍ଜିନିୟରିଂ ବେସାମରିକ ସେବା, ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରରେ ଅନନ୍ୟ କାର୍ଯ୍ୟ ଓ ପ୍ରତିଭା ପାଇଁ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ ।

## ଏସ୍‌ସି-ଗଙ୍ଗା

ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ଗଙ୍ଗାନଦୀ କୂଳ ଏବଂ ଏହାର ବନ୍ୟା ପ୍ଲାବିତ ଅଞ୍ଚଳରେ ଅବୈଧ ନିର୍ମାଣ ସମ୍ବନ୍ଧୀତ ଏକ ବିସ୍ତୃତ ରିପୋର୍ଟ୍ ପ୍ରସ୍ତୁତ କରିବା ଏବଂ ସେହି ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରିବା ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ରିପୋର୍ଟ୍ ପ୍ରଦାନ ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିଚାରପତି ଜେ.ବି. ପର୍ଦ୍ଦିଓ୍ୱାଲା ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଗଙ୍ଗା ଅବବାହିକାର ସଂରକ୍ଷଣ, ପରିଚାଳନା ଏବଂ ଏହାର କାୟାକଳ୍ପ ସଂକ୍ରାନ୍ତ ବିଜ୍ଞପ୍ତିର କାର୍ଯ୍ୟାନ୍ୱୟନ ନିମନ୍ତେ ଏ ପର୍ଯ୍ୟନ୍ତ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିସ୍ତୃତ ରିପୋର୍ଟ୍ ଦେବା ଲାଗି କୁହାଯାଇଛି ।

ଗଙ୍ଗା ଅବବାହିକାରେ ଅବସ୍ଥିତ କେତେକ ରାଜ୍ୟକୁ ମଧ୍ୟ ଅଦାଲତ ତରଫରୁ ଏ ସମ୍ପର୍କିତ ନୋଟିସ୍ ଜାରି କରାଯାଇଛି । ଅଦାଲତ ପକ୍ଷରୁ କୁହାଯାଇଛି, ଏ ସଂକ୍ରାନ୍ତରେ ବ୍ୟକ୍ତିଗତ ମାମଲା ପରିବର୍ତ୍ତେ ଏହାର

ବ୍ୟାପକ ଯାଞ୍ଚର ଆବଶ୍ୟକତା ରହିଛି । ଏ ସଂକ୍ରାନ୍ତ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ୍ ୨୩ ତାରିଖରେ ହେବାକୁ ଧାର୍ଯ୍ୟ କରାଯାଇଛି ।

## ମାଣ୍ଡବ୍ୟ-ଗୁଜରାଟ ଭିଜିଟ୍

କେନ୍ଦ୍ର ଶ୍ରମ ଏବଂ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଗୁଜରାଟକୁ ଦିନିକିଆ ଗସ୍ତରେ ଯାଇ ଆଜି ଜୁନାଗଡ଼ ଅନ୍ତର୍ଗତ ବାଣ୍ଟୁଆ ଠାରେ ନୂତନ ଭାବେ ନିର୍ମିତ ପୌର ଭବନ, ଉଦ୍ୟାନ ଏବଂ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରିଛନ୍ତି । ସେହିପରି ମାନାଭଧାର ଏବଂ କେଶୋଦ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୮ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ।

ଏହି ଅବସରରେ ଶ୍ରୀ ମାଣ୍ଡବ୍ୟ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଅନୁଦାନ ରାଶିକୁ ସେହି ଅଞ୍ଚଳର ସାଂସଦ ଏବଂ ବିଧାୟକମାନେ ଉଚିତ୍ ଭାବେ ବ୍ୟବହାର କରିଛନ୍ତି । ଏହା ପରେ ଶ୍ରୀ ମାଣ୍ଡବ୍ୟ ଖେଦ୍ ଅଞ୍ଚଳର ଫୁଲରାମ-ଘେଦ ଏବଂ ମେଖଦି ଗ୍ରାମ ପରିଦର୍ଶନ କରିଥିଲେ ।

# ଜେକେ ଟେରୋରିଷ୍ଟ କିଲ୍ଡ

ଜାମ୍ମୁ କାଶ୍ମୀରର ବାରମୁଲା ଜିଲ୍ଲା ଅନ୍ତର୍ଗତ ଉରି ସେକ୍ଟରରେ ଭାରତୀୟ ସେନା ଏବଂ ଜାମ୍ମୁ କାଶ୍ମୀର ପୁଲିସ୍‌ର ମିଳିତ ଅପରେସନରେ ଜଣେ ପାକିସ୍ତାନୀ ସନ୍ତ୍ରାସବାଦୀ ନିହିତ ହୋଇଛି । ସେନା ପକ୍ଷରୁ କୁହାଯାଇଛି, ଗତକାଲି ମଧ୍ୟରାତ୍ରିରେ ବର୍ଡର୍‌ର ନିୟନ୍ତ୍ରଣ ରେଖା ନିକଟରେ ଏହି ସନ୍ତ୍ରାସବାଦୀର ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରାଯାଇଥିଲା । ଅପରେସନ୍ ସମୟରେ ସେନା ପକ୍ଷରୁ ଏହି ଅଞ୍ଚଳରେ ସନ୍ଦିଗ୍ଧ ସନ୍ତ୍ରାସବାଦୀଙ୍କର କାର୍ଯ୍ୟକଳାପ ସନ୍ଦେହଜନକ ଥିବା ଲକ୍ଷ୍ୟ କରାଯାଇଥିଲା । ସନ୍ତ୍ରାସବାଦୀ ଜଣକ ସୁରକ୍ଷା ବାହିନୀ ଉପରକୁ ଗୁଳିଗୋଳା ଆକ୍ରମଣ କରିଥିଲା । ଏହାର ଜବାବରେ ସେନା ବାହିନୀ ପକ୍ଷରୁ ମଧ୍ୟ ପ୍ରତିଆକ୍ରମଣ କରାଯାଇଥିଲା । ତାଠାରୁ ଏ.କେ. ରାଇଫଲ୍, ବନ୍ଧୁକ ଏବଂ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ।

# ପିଏନ୍‌ଜି-ଏଲ୍‌ପିଜି ସରେଣ୍ଡର

ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ଏକକାଳୀନ ପାଇପ୍‌ଯୋଗେ ପ୍ରାକୃତିକ ଗ୍ୟାସ୍, ପିଏନ୍‌ଜି ଏବଂ ତରଳ ପେଟ୍ରୋଲିୟମ ଗ୍ୟାସ୍, ଏଲ୍‌ପିଜି ସଂଯୋଗ ଉପରେ କଟକଣା ଜାରି କରାଯାଇଛି । ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଏ କ୍ଷେତ୍ରରେ ଏଲ୍‌ପିଜି ସଂଯୋଗ ତୁରନ୍ତ

ହସ୍ତାନ୍ତର କରିବାକୁ ଉପଭୋକ୍ତାଙ୍କୁ ନିର୍ଦ୍ଦେଶ ଦେଇଛି । ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରାଯାଇଛି । ପିଏନ୍‌ଜି ସଂଯୋଗ ଥିବା ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ଏଲ୍‌ପିଜି ସଂଯୋଗକୁ କାର୍ଯ୍ୟକାରୀ ରଖିବା କିମ୍ବା ସରକାରୀ ତୈଳ କମ୍ପାନୀ ଓ ସେମାନଙ୍କର ଅଧିକୃତ ବିତରକଙ୍କଠାରୁ ଏଲ୍‌ପିଜି ସିଲିଣ୍ଡର ରିଫିଲ କରିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଏପରିକି ପୂର୍ବରୁ ପିଏନ୍‌ଜି ସଂଯୋଗ ଥିବା ଘରୋଇ ଉପଭୋକ୍ତାଙ୍କୁ ଭବିଷ୍ୟତରେ ନୂତନ ଏଲ୍‌ପିଜି ସଂଯୋଗ ପ୍ରଦାନ କରାଯିବ ନାହିଁ ବୋଲି ମନ୍ତ୍ରଣାଳୟ କହିଛି ।